# NATIONAL NEWS BULLETIN (ODIA)
## 07th October - 2024
## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଦାନ କରିବେ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ।
- ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମେତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନିମନ୍ତେ ଉଭୟ ଭାରତ ଓ ମାଳଦୀପ ପ୍ରତିଶ୍ରୁତିବଦ୍ଧ ।
- କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସମନ୍ୱୟ ଯୋଗୁଁ ହ୍ରାସ ପାଉଛି ମାଓ ହିଂସା – କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ।
- ଜମ୍ମୁ-କାଶ୍ମୀର ଓ ହରିୟାଣା ବିଧାନସଭା ନିମନ୍ତେ ଆସନ୍ତାକାଲି ହେବ ଭୋଟ ଗଣତି ।
- ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚଳିତ ବର୍ଷ ପାଇଁ ନୋବେଲ୍ ପୁରସ୍କାର ପାଇବେ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଉ କିଛି ସମୟ ପରେ ମୁହାଁମୁହିଁ ହେବେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ।

## ପ୍ରେସିଡେଣ୍ଟ - ଫିଲ୍ମ ଆୱାର୍ଡ଼

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ ସ୍ୱରୂପ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ରାଷ୍ଟ୍ରପତି ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରିବେ । କନ୍ନଡ଼ ଚଳଚ୍ଚିତ୍ର 'କଣ୍ଟାରା'ରେ ଶ୍ରେଷ୍ଠ ଅଭିନୟ ପାଇଁ ରିଷବ ସେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯିବ । ସେହିପରି ତାମିଲ୍ ଚଳଚ୍ଚିତ୍ର 'ତିରୁଚିତ୍ରାମ୍ବଲମ୍' ପାଇଁ ନିତ୍ୟା ମେନନ୍ ଏବଂ ଗୁଜୁରାଟୀ ଚଳଚ୍ଚିତ୍ର 'କଚ୍ଛ ଏକ୍ସପ୍ରେସ୍' ପାଇଁ ମାନସୀ ପାରେଖଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯିବ ।

## ପି.ଏମ୍. - ମାଳଦ୍ୱୀପ ଟକ୍ସ

ଭାରତ ମାଲଦୀପକୁ ୪୦ କୋଟି ଆମେରିକୀୟ ଡଲାର ସହାୟତା ପ୍ରଦାନ କରିଛି । ଏଥିସହିତ ୩ ହଜାର କୋଟି ଟଙ୍କା ମୁଦ୍ରା ବିନିମୟ ବୁଝାମଣାପତ୍ର ମାଲଦୀପ ସହ ସ୍ୱାକ୍ଷରିତ ହୋଇଛି । ବର୍ତ୍ତମାନ ସମୟରେ ମାଲଦୀପ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ଏହି ସହାୟତା ସେଠାକାର ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଆଣିବ ବୋଲି କୁହାଯାଇଛି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାଲଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜୁଙ୍କ ମଧ୍ୟରେ ନୂଆଦିଲ୍ଲୀରେ ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା । ମୁଦ୍ରା ବିନିମୟ ନିମନ୍ତେ ଉଭୟ ଦେଶ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ, ଯାହାଦ୍ୱାରା ଦୁର୍ନୀତି ରୋକିବାରେ ସହଯୋଗ ମିଳିପାରିବ । ଏହାଛଡ଼ା ମାଲଦୀପର ନ୍ୟାୟିକ ଅଧିକାରୀ ଓ କ୍ରୀଡ଼ା ଏବଂ ଯୁବ ବ୍ୟାପାର ଅଧିକାରୀଙ୍କ ନିମନ୍ତେ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ସମ୍ପର୍କିତ ଦୁଇଟି ବୁଝାମଣାପତ୍ରର ଅବଧି ବୃଦ୍ଧି କରାଯାଇଛି ।

ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଅର୍ଥନୈତିକ ଏବଂ ସାମୁଦ୍ରିକ ସୁରକ୍ଷା ସହଭାଗିତା କ୍ଷେତ୍ରରେ ଉଭୟ ଦେଶ ରଣନୀତିକ ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ଶ୍ରୀ ମୋଦି କହିଚନ୍ତି, ଭାରତ ଏବଂ ମାଲଦୀପ ମଧ୍ୟରେ ସମ୍ପର୍କ ବହୁ ପୁରୁଣା ଏବଂ ଭାରତ ମାଲଦୀପର ସବୁଠାରୁ ନିକଟତର । ସେ କହିଛନ୍ତି, ମାଲଦୀପର ଲୋକମାନଙ୍କ ଉନ୍ନତି ନିମନ୍ତେ ଭାରତ ସବୁ ସମୟରେ ସହାୟତା ଯୋଗାଇ ଦେଇଛି । ଚଳିତ ବର୍ଷ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ୧୦ କୋଟି ଆମେରିକୀୟ ଡଲାର ମାଳଦୀପକୁ ଛାଡ଼ କରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ମାଳଦୀପପାଇଁ ସବୁବେଳେ ସହଯୋଗର ହାତ ବଢ଼ାଇଛି । 'ପ୍ରଥମେ ପଡ଼ୋଶୀ ନୀତି' ଅନୁଯାୟୀ ମାଳଦୀପ ଲୋକଙ୍କର ଆବଶ୍ୟକତା ହେଉ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ, ଭାରତ ପ୍ରଥମେ ସେମାନଙ୍କ ଆବଶ୍ୟକତା ପ୍ରତି ଧ୍ୟାନ ଦେଇଛି । ଶ୍ରୀ ମୋଦି କହିଛନ୍ତି, ମାଳଦୀପରେ ରୁପେ କାର୍ଡ଼ ସେବା ଆରମ୍ଭ କରାଯାଇଛି ଏବଂ ଖୁବ୍ ଶୀଘ୍ର ଉଭୟ ଦେଶ ମଧ୍ୟରେ ୟୁ.ପି.ଆଇ. ସଂଯୋଗୀକରଣ କାର୍ଯ୍ୟ କରାଯିବ ।

ମାଳଦୀପ ରାଷ୍ଟ୍ରପତି ଡକ୍ଟର ମୋଇଜ୍ଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦୁଇ ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ସଫଳ ହୋଇଛି । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନିମନ୍ତେ ଦୂରଦୃଷ୍ଟିସମ୍ପନ୍ନ ନୀତି କାର୍ଯ୍ୟକାରୀ ଲାଗି ଉଭୟ ଦେଶ ରାଜି ହୋଇଛନ୍ତି । ଏହି ଅବସରରେ ଭାରତ ୪୦ କୋଟି ଆମେରିକୀୟ ଡଲାର ସମେତ ୩ ହଜାର କୋଟି ଟଙ୍କାର ମୁଦ୍ରା ବିନିମୟ ସୁବିଧା ଯୋଗାଇ ଦେଇଥିବାରୁ ଡକ୍ଟର ମୋଇଜ୍ଜୁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଏହି ଅବସରରେ ଡକ୍ଟର ମୋଇଜ୍ଜୁଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ଜରିଆରେ ମାଳଦୀପର ହନିମାଧୋ ଅନ୍ତର୍ଜାତୀୟ ବିମାନବନ୍ଦରର ରନ୍‌ୱେ ଉଦ୍‌ଘାଟନ କରିବା ସହ EXIM ବ୍ୟାଙ୍କ୍ ସହାୟତାରେ ନିର୍ମିତ ୭୦୦ଟି ବାସଗୃହକୁ ସେଠାକାର ଜନସାଧାରଣଙ୍କ ଲାଗି

ଉତ୍ସର୍ଗ କରିଛନ୍ତି । ଉଭୟ ନେତାଙ୍କ ଉପସ୍ଥିତିରେ ରୂପେ କାର୍ଡ଼ ଜରିଆରେ ଅର୍ଥ ପ୍ରଦାନ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଛି ।

## ଅମିତ୍ ଶାହା - ମିଟିଂ

କେନ୍ଦ୍ର-ରାଜ୍ୟ ମଧ୍ୟରେ ସୁସମନ୍ୱୟ ଯୋଗୁଁ ଦେଶରୁ ମାଓବାଦ ଶେଷ ହେବାକୁ ଯାଉଛି । ଆଜି ଶ୍ରୀ ଶାହା ନୂଆଦିଲ୍ଲୀରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକ ପରେ ଶ୍ରୀ ଶାହା କହିଛନ୍ତି, ଦେଶର ବିକାଶ କ୍ଷେତ୍ରରେ ମାଓବାଦ ସବୁଠୁ ବଡ଼ ଅନ୍ତରାୟ ପାଲଟିଛି ଏବଂ ଏହାଦ୍ୱାରା କାହାର କିଛି ଲାଭ ହେଉନାହିଁ । ମାଓବାଦ ସହ ଜଡ଼ିତ ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ଏହି ବୈଠକରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ମାଓବାଦୀ କାର୍ଯ୍ୟକଳାପ ୧୬ ହଜାରରୁ ୭ ହଜାର ୭ ଶହକୁ ହ୍ରାସ ପାଇଛି । ମାଓବାଦୀମାନଙ୍କଦ୍ୱାରା ହିଂସାରେ ସାଧାରଣ ନାଗରିକ ଓ ସୁରକ୍ଷା କର୍ମୀଙ୍କ ମୃତ୍ୟୁସଂଖ୍ୟା ମଧ୍ୟ ୭୦ ପ୍ରତିଶତ ହ୍ରାସ ପାଇଥିବା ସେ କହିଛନ୍ତି । ମାଓ ପ୍ରଭାବିତ ରାଜ୍ୟ ସମେତ

ଉତ୍ତର-ପୂର୍ବାଞ୍ଚଳ, ଜମ୍ମୁ-କାଶ୍ମୀର ଏବଂ ଛତିଶଗଡ଼ରେ ୧୩ ହଜାରରୁ ଅଧିକ ଯୁବକ ଅସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି ।

## ଜେ.କେ. - କାଉଣ୍ଟିଂ

ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ନିମନ୍ତେ ମଧ୍ୟ ଆସନ୍ତାକାଲି ଭୋଟ୍‌ଗଣତି ହେବ । ମୁଖ୍ୟ ନିର୍ବାଚନ ଅଧିକାରୀ ପାଣ୍ଡୁରଙ୍ଗା କେ. ପୋଲେ କହିଛନ୍ତି, ବ୍ୟବସ୍ଥିତ ଢଙ୍ଗରେ ମତଗଣନା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ମତଗଣନା କେନ୍ଦ୍ରଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ କେବଳ ଅଧିକୃତ କର୍ମଚାରୀ ଓ ବ୍ୟକ୍ତିଙ୍କୁ କେନ୍ଦ୍ର ମଧ୍ୟକୁ ଛଡ଼ାଯିବ ବୋଲି ଶ୍ରୀ ପୋଲେ କହିଛନ୍ତି । ମତଗଣନା ସମ୍ପର୍କିତ ସୂଚନା ପ୍ରଦାନ ଲାଗି ଜିଲ୍ଲା ସୂଚନା ଅଧିକାରୀଙ୍କ ନେତୃତ୍ୱରେ ଗଣମାଧ୍ୟମ କେନ୍ଦ୍ର ସ୍ଥାପନ କରାଯାଇଛି ।

## ହରିୟାନା - କାଉଣ୍ଟିଂ

ହରିୟାଣା ବିଧାନସଭା ନିର୍ବାଚନର ଆସନ୍ତାକାଲି ଭୋଟ୍‌ଗଣତି ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମତଗଣନା କେନ୍ଦ୍ରଗୁଡ଼ିକରେ ତ୍ରିସ୍ତରୀୟ

ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସକାଳ ୮ଟାରୁ ଭୋଟ୍‌ଗଣତି କରାଯିବ । ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣନା କରାଯିବ ବୋଲି ଜଣାପଡ଼ିଛି । ଏହି ପ୍ରକ୍ରିୟାରେ ଦିବ୍ୟାଙ୍ଗ ଭୋଟର୍, ୮୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ, ସୁରକ୍ଷା କର୍ମୀ ଏବଂ ସରକାରୀ କର୍ମଚାରୀମାନେ ଭୋଟ୍ ଦେଇଥିଲେ । ପୋଷ୍ଟାଲ୍ ଭୋଟ୍ ଗଣତି ପରେ ଇ.ଭି.ଏମ୍.ର ଭୋଟ୍‌ଗୁଡ଼ିକ ଗଣତି ହେବ । ମଧ୍ୟାହ୍ନ ସୁଦ୍ଧା କେଉଁଦଳ ଆଗରେ ରହିଛନ୍ତି, ତାହା ଜଣାପଡ଼ିବାର ସମ୍ଭାବନା ରହିଛି । ଗତ ଶନିବାର ହରିୟାଣାରେ ହୋଇଥିବା ଏକକ ପର୍ଯ୍ୟାୟ ଭୋଟ୍‌ଗ୍ରହଣରେ ସତଷଠି ଦଶମିକ ୯ ପ୍ରତିଶତ ମତଦାନ ହୋଇଥିଲା । ଶାସକ ବି.ଜେ.ପି. ତୃତୀୟ ଥରପାଇଁ କ୍ଷମତା ହାସଲ କରିବା ଲକ୍ଷ୍ୟ ରଖିବାବେଳେ କଂଗ୍ରେସ ମଧ୍ୟ ସରକାର ଗଠନ ଦୌଡ଼ରେ ରହିଛି ।

## ନୋବେଲ୍ ପ୍ରାଇଜ୍

ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚଳିତ ବର୍ଷ ପାଇଁ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍ ନୋବେଲ୍ ପୁରସ୍କାର ପାଇବେ । microRNAର ଆବିଷ୍କାର ଏବଂ Post-Transcriptional ଜିନ୍ ପରିଚାଳନା କ୍ଷେତ୍ରରେ ଏହାର ଭୂମିକା ନିମନ୍ତେ ଉଭୟଙ୍କୁ ଏହି ପୁରସ୍କାର ମିଳିବ । microRNA ହେଉଛି ଏକ ମୌଳିକ ସିଦ୍ଧାନ୍ତ, ଯାହା ଜିନ୍‌ର ଗତିବିଧି କିଭଳି ନିୟନ୍ତ୍ରଣ କରାଯାଇପାରିବ, ତାହା ସ୍ଥିର କରିଥାଏ । ଉଭୟ

ବିଜେତାଙ୍କୁ ୧୧ ଲକ୍ଷ ଡଲାର ଅର୍ଥରାଶି ପ୍ରଦାନ କରାଯିବ । ଆସନ୍ତାକାଲି ପଦାର୍ଥ ବିଜ୍ଞାନ ଏବଂ ବୁଧବାର ଦିନ ରସାୟନ ବିଜ୍ଞାନ ନିମନ୍ତେ ନୋବେଲ୍ ବିଜେତାଙ୍କ ନାମ ଘୋଷଣା କରାଯିବ ।

## କୋଇଲା ଖଣି ବିସ୍ଫୋରଣ

ପଶ୍ଚିମବଙ୍ଗର ବୀରଭୂମ୍ ଜିଲ୍ଲାରେ ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଛି । ବିସ୍ଫୋରଣରେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଆଜି ସକାଳେ ଭଦୁଲିୟା କୋଇଲା ଖଣିରେ ବିସ୍ଫୋରଣପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଆହତମାନଙ୍କୁ ସିଉଡ଼ି ଜିଲ୍ଲା ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ପୁଲିସ୍ ଘଟଣାର ଯାଞ୍ଚ୍ କରୁଛି ।

## ଦିଲ୍ଲୀ - ଓମ୍ ବିର୍ଲା

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ଲୋକସଭାର ପୂର୍ବତନ ବାଚସ୍ପତି ବଳିରାମ ଭଗତ୍‌ଙ୍କ ଜୟନ୍ତୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସଂସଦ ସଦସ୍ୟ, ପୂର୍ବତନ ସଦସ୍ୟ,

ଲୋକସଭା ସଚିବାଳୟ ଏବଂ ରାଜ୍ୟସଭା ସଚିବାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସଂସଦୀୟ ନୀତିନିୟମ ଓ ପ୍ରକ୍ରିୟାଗୁଡ଼ିକ ଉପରେ ଅଭିଜ୍ଞତା ହାସଲ କରିଥିବା ସ୍ୱତନ୍ତ୍ର ସେନାନୀ ସ୍ୱର୍ଗତ ଭଗତ ୧୯୭୬ ମସିହା ଜାନୁୟାରୀ ୫ ତାରିଖରେ ପଞ୍ଚମ ଲୋକସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ । ଏହାଛଡ଼ା ସେ ମଧ୍ୟବର୍ତ୍ତୀକାଳୀନ ସଂସଦ ଓ ପ୍ରଥମରୁ ପଞ୍ଚମ ଏବଂ ସପ୍ତମ ଓ ଅଷ୍ଟମ ଲୋକସଭାର ସଦସ୍ୟ ଥିଲେ । କେନ୍ଦ୍ରମନ୍ତ୍ରୀ ଭାବରେ ସେ ଅର୍ଥ, ଯୋଜନା, ପ୍ରତିରକ୍ଷା, ବୈଦେଶିକ ବ୍ୟପାର, ଇସ୍ପାତ ଏବଂ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଗ୍ରହଣ କରିଥିଲେ । ହିମାଚଳ ପ୍ରଦେଶ ଏବଂ ରାଜସ୍ଥାନର ରାଜ୍ୟପାଳ ହୋଇଥିବା ସ୍ୱଗର୍ତ ଭଗତଙ୍କର ୨୦୧୧ ଜାନୁୟାରୀ ୨ ତାରିଖରେ ପରଲୋଗ ଘଟିଥିଲା ।

## ତାମିଲ୍‌ନାଡୁ – ସହାୟତା ରାଶି

ଚେନ୍ନାଇରେ ଗତକାଲି ଏୟାର ଶୋ’ ସମୟରେ ମୃତ୍ୟୁବରଣ କରିଥିବା ଦର୍ଶକଙ୍କ ପରିବାରକୁ ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ପୀଡ଼ିତ ପରିବାରଙ୍କ ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ଷ୍ଟାଲିନ୍ କହିଛନ୍ତି, ଏୟାର ଶୋ’ ସମୟରେ ଯେକୌଣସି ପରିସ୍ଥିତିର ମୁକାବିଲା ନିମନ୍ତେ ରାଜ୍ୟ ସରକାର

ପ୍ରସ୍ତୁତ ଥିଲେ ଏବଂ ବାୟୁସେନାକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଅତ୍ୟଧିକ ଗରମ ଯୋଗୁଁ ଲୋକମାନଙ୍କ ଜୀବନ ଯାଇଥିବାରୁ ସେ ଏହି ଘଟଣାକୁ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି । ସେ କହିଛନ୍ତି, ଏୟାର ଶୋ' ଦେଖିବାପାଇଁ ବହୁସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ ଓ ସେମାନଙ୍କୁ ସାଧାରଣ ପରିବହନ ସେବା ପାଇବାପାଇଁ ବହୁ କଷ୍ଟ କରିବାକୁ ପଡ଼ିଥିଲା । ଭବିଷ୍ୟତରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଶ୍ରୀ ଷ୍ଟାଲିନ୍ କହିଛନ୍ତି ।

## ଶିବରାଜ - କିଷାନ ବୈଠକ

କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଦେଶରେ କୃଷି ପ୍ରଣାଳୀକୁ ଅଧିକ କାର୍ଯ୍ୟକ୍ଷମ କରିବାଲାଗି କେନ୍ଦ୍ର ସରକାର ବ୍ୟବସ୍ଥା କରୁଛନ୍ତି । ଆଜି ନୂଆଦିଲ୍ଲୀରେ କୃଷକ ଏବଂ କୃଷି ସଙ୍ଗଠନଗୁଡ଼ିକ ସହ ବୈଠକ ପରେ ଶ୍ରୀ ଚୌହାନ କହିଛନ୍ତି, ସରକାର କୃଷକମାନଙ୍କ ନିମନ୍ତେ କୃଷି ବିକାଶ ଯୋଜନା ଏବଂ ଫସଲ ବୀମା ଯୋଜନା ଭଳି ଅନେକ ନିଷ୍ପତ୍ତି ନେଇଛନ୍ତି । ଭାରତୀୟ କୃଷକ ମହାସଂଘ ଦିଲ୍ଲୀ ଶାଖାର ସତୀଶ ଲମ୍ବରଦାର କହିଛନ୍ତି, ବୈଠକ ସମୟରେ କୃଷିମନ୍ତ୍ରୀ ଶ୍ରୀ ଚୌହାନ କୃଷକମାନଙ୍କ ସମସ୍ତ ଅଭିଯୋଗ ଶୁଣିଛନ୍ତି ଏବଂ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଉ କିଛି ସମୟ ପରେ ଗ୍ରୁପ୍-ବି'ର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଉଭୟ ଟିମ୍ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବା ସହ ବିଜୟ ହାସଲ କରିଛନ୍ତି । ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଏବଂ ଇଂଲଣ୍ଡ ବାଂଲାଦେଶକୁ ପରାସ୍ତ କରିଥିଲେ ।

ଭାରତୀୟ ମହିଳା ଟିମ୍ ଗତକାଲି ଦୁବାଇରେ ଆୟୋଜିତ ମ୍ୟାଚ୍‌ରେ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା । ୧୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୭ଟି ବଲ୍ ବାକିଥାଇ ୧୦୮ ରନ୍ ସ୍କୋର୍ କରିଥିଲା । ଅରୁନ୍ଧତୀ ରେଡ୍ଡୀ ୩ଟି ୱିକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଆସନ୍ତା ବୁଧବାର ଦିନ ଭାରତୀୟ ମହିଳା ଦଳ ଶ୍ରୀଲଙ୍କା ସହ ମୁକାବିଲା କରିବାକୁ ଥିବାବେଳେ ରବିବାର ଦିନ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ ।

*****